

# ଓଡ଼ିଶା ମିଲେଟ୍ସ ମିଶନ
## ODISHA MILLETS MISSION





ପୁଷ୍ଟିଶସ୍ୟକୁ ଓଡ଼ିଶାର ଚାଷ ଜମି ଏବଂ ଖାଦ୍ୟ ପ୍ରଣାଳୀ ଉଭୟରେ ପୁନଃପ୍ରଚଳନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ହେଉଛି ଓଡ଼ିଶା ମିଲେଟ୍ସ ମିଶନ ।  ଏହା ହେଉଛି କୃଷି ବିଭାଗ, ଓଡ଼ିଶା ସରକାରଙ୍କର ଏକ ନିଆରା କାର୍ଯକ୍ରମ ଯାହା ପୁଷ୍ଟିଶସ୍ୟର ବହୁଳ ଉତ୍ପାଦନ, ସ୍ଥାନୀୟ ବ୍ୟବହାର, ସର୍ବନିମ୍ନ ସହାୟକ ମୂଲ୍ୟରେ ପୁଷ୍ଟିଶସ୍ୟ କ୍ରୟ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବଣ୍ଟନ ତଥା ରାଜ୍ୟ ପୋଷଣ କାର୍ଯକ୍ରମ ରେ ଅନ୍ତର୍ଭୁକ୍ତ କରାଇବା ଆଦି ଲକ୍ଷ୍ୟ ନେଇ ୨୦୧୭-୧୮ ଆର୍ଥିକ ବର୍ଷରୁ କାର୍ଯ୍ୟରତ ।

## କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ -

୧ ପୁଷ୍ଟିଶସ୍ୟର ଘରୋଇ ଉପଯୋଗକୁ ବେସ୍ ଲାଇନ୍ ଠାରୁ ୨୫ ପ୍ରତିଶତ ବୃଦ୍ଧି କରିବା ।

୨ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପୁଷ୍ଟିଶସ୍ୟ ଖାଦ୍ୟର ଅଭ୍ୟାସ ରେ ସଂସ୍କାର ତଥା ପରିବର୍ତ୍ତନ ଆଣିବା ।

୩ ଦେଶୀ ବିହନର ସଂରକ୍ଷଣ ଏବଂ ପୁନଃ ପ୍ରଚଳନ ପାଇଁ  ଗୋଷ୍ଠୀ ପରିଚାଳିତ ବିହନ ବ୍ୟବସ୍ଥାର ପ୍ରଚଳନ ।

୪ ପୁଷ୍ଟିଶସ୍ୟର ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ।

୫ ଉନ୍ନତ ବୈଷୟିକ ଚାଷ ପ୍ରଣାଳୀ ଅବଲମ୍ବନ କରି ପୁଷ୍ଟିଶସ୍ୟ ଫସଲର ଉତ୍ପାଦିକତା ବୃଦ୍ଧି କରିବା ସହିତ ଉତ୍ପାଦନ ବୃଦ୍ଧି କରିବା ।

୬ ଓଡ଼ିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରେ ପୁଷ୍ଟିଶସ୍ୟକୁ ମୂଲ୍ୟଯୁକ୍ତ କରୁଥିବା ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହିତ କରିବା ।

୭ ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଏବଂ ଜନ କଲ୍ୟାଣ ଛାତ୍ରାବାସ ତଥା ଅନ୍ୟାନ୍ୟ ପରିପୂରକ ପୁଷ୍ଟି ସାଧନ କାର୍ଯକ୍ରମ ଗୁଡିକରେ  ପୁଷ୍ଟିଶସ୍ୟ କୁ ଅନ୍ତର୍ଭୁକ୍ତ କରିବା ।

୮ ପୁଷ୍ଟିଶସ୍ୟ ବଜାର ସୃଷ୍ଟି କରିବା ସହ ପୁଷ୍ଟିଶସ୍ୟ ଆଧାରିତ ଉତ୍ପାଦ ଗୁଡିକର ରପ୍ତାନିକୁ ପ୍ରୋତ୍ସାହନ କରିବା ।

# ଓଡ଼ିଶା ମିଲେଟ୍ସ ମିଶନ ର ମୁଖ୍ୟ ଆକର୍ଷଣ-

- ୨୦୨୨-୨୩ ବର୍ଷରେ ୧୯ଟି ଜିଲ୍ଲାର ୧୪୩ଟି ବ୍ଲକରେ ୧୭୨୩୭୬ ଚାଷୀ ୭୯୫୫୬ ହେକ୍ଟର ଜମିରେ ଉନ୍ନତ ପ୍ରଣାଳୀ ଅବଲମ୍ବନ କରି ପୁଷ୍ଟିଶସ୍ୟ ଫସଲ କରିଥିଲେ ।
- ଚଳିତ ବର୍ଷ (୨୦୨୩-୨୪) ଓଡିଶାର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକରେ ଓଡିଶା ମିଲେଟ୍ସ ମିଶନ କାର୍ଯ୍ୟକାରୀ ହେଉଅଛି ।
- ଏହି ଯୋଜନାରେ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରିବା ପାଇଁ ଚାଷୀ ମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇ ଅଛି ।
- ଚାଷୀ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ବ୍ୟାପକ ତାଲିମ୍ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି ।
- ଚାଷୀ ମାନଙ୍କୁ ଉନ୍ନତ ଗୁଣାତ୍ମକ ବିହନ ଯୋଗାଇବା ପାଇଁ  ଗୋଷ୍ଠୀ ପରିଚାଳିତ ବିହନ କେନ୍ଦ୍ର ପ୍ରତିଷ୍ଠା କରାଯାଉଅଛି ।
- କୃଷକମାନଙ୍କୁ କମ୍ ଖର୍ଚ୍ଚରେ ଚାଷ-ଉପକରଣ ଯୋଗାଇବା ପାଇଁ, କୃଷକ ଯନ୍ତ୍ରପାତି ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଉଅଛି ।
- ମାଣ୍ଡିଆର ଅମଳ ପରବର୍ତ୍ତୀ ପ୍ରକ୍ରିୟାକୁ ସରଳୀକରଣ କରିବା ନିମନ୍ତେ ବିଭିନ୍ନ କୃଷି ଯନ୍ତ୍ରପାତି ଯଥା: ମାଣ୍ଡିଆ ଅମଳ ଯନ୍ତ୍ର, ମାଣ୍ଡିଆ ସଫା ଓ ଗୋଡି ପୃଥକିକରଣ ଯନ୍ତ୍ର (ଗ୍ରେଡର୍ )ଏବଂ ମାଣ୍ଡିଆ ଚୁନା କରିବା ଯନ୍ତ୍ର ମଧ୍ୟ ସ୍ଥାପନ କରାଯାଉଛି ।
- ପୁଷ୍ଟିଶସ୍ୟର ଘରୋଇ ଉପଯୋଗକୁ ବୃଦ୍ଧି କରିବା ପାଇଁ ଏହି ପୁଷ୍ଟିଶସ୍ୟ ଆଧାରିତ ଟିଫିନ୍ ସେଣ୍ଟର, ବିକ୍ରୟ କେନ୍ଦ୍ର ଏବଂ ମିଲେଟ୍ ଅନ ହୁଇଲ୍ ପ୍ରକଳ୍ପ ଆଦି ପ୍ରତିଷ୍ଠା କରାଯାଉଅଛି ।
- ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ସେମାନଙ୍କର ଉତ୍ପାଦିତ ମାଣ୍ଡିଆ କ୍ରୟ କରାଯାଉଅଛି । ଓଡ଼ିଶା ସରକାର କ୍ୱିଣ୍ଟାଲ ପ୍ରତି ୩୫୭୮ ଟଙ୍କା ଦରରେ ଚଳିତ ଖରିଫ ବଜାର ବର୍ଷ ୨୦୨୨-୨୩ ରେ  ଚାଷୀଙ୍କ ଠାରୁ ୬ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରିଛନ୍ତି ।
- ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ୨୦୨୨-୨୩ ବର୍ଷରେ ୧୪ ଟି ଜିଲ୍ଲାରେ ୧୧୩୭୬୫୨୧ ରେସନ କାର୍ଡ ହିତାଧିକାରୀଙ୍କୁ ୪୦୨୫୦୦  କ୍ୱିଣ୍ଟାଲ ମାଣ୍ଡିଆ ବଣ୍ଟନ କରାଯାଇଛି ।
- ସମନ୍ୱିତ ଶିଶୁ ବିକାଶଯୋଜନା ମାଧ୍ୟମରେ କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ୧୪୯୦୦୦ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ମାଣ୍ଡିଆ ଲଡୁ ଯୋଗାଇ ଦିଆଯାଉଅଛି । କେନ୍ଦୁଝର ଜିଲ୍ଲାରେ ୩୩୪ଟି ଆଦିବାସୀ ଉନ୍ନୟନ ଜନମଙ୍ଗଳ ଛତ୍ରାବାସରେ ୩୯୦୭୬ ବିଦ୍ୟାର୍ଥୀଙ୍କୁ ମାଣ୍ଡିଆ ଲଡୁ ଯୋଗାଇ ଦିଆଯାଉଅଛି ।
- ଓଡ଼ିଶା ସରକାର ପ୍ରତ୍ୟେକ ବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ(ପୁଷ୍ଟିଶସ୍ୟ ଦିବସ) ଭାବରେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି ଏବଂ ବିଗତ ବର୍ଷ(୨୦୨୨-୨୩) ନଭେମ୍ବର ୧୦ ତାରିଖରେ ପ୍ରଥମ ମାଣ୍ଡିଆ ଦିବସ(ପୁଷ୍ଟିଶସ୍ୟ ଦିବସ) ଭାବରେ ପାଳନ କରାଯାଇଥିଲା । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ଖାଦ୍ୟ ପ୍ରଣାଳୀରେ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ କରିବା ।

| କ୍ର.ନ. | ଉପାଦାନ | ୨୦୧୭-୧୮ | ୨୦୧୮-୧୯ | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|---|---|
| 1 | ଜିଲ୍ଲାର ସଂଖ୍ୟା | ୭ | ୧୧ | ୧୪ | ୧୫ | ୧୫ | ୧୯ | ୩୦ |
| 2 | ବ୍ଲକର ସଂଖ୍ୟା | ୩୦ | ୫୫ | ୭୨ | ୮୧ | ୮୪ | ୧୪୩ | ୧୭୭ |
| 3 | ଉନ୍ନତ ପ୍ରଣାଳୀରେ ଚାଷ (ହେକ୍ଟର) | ୩୩୩୩.୫ | ୧୨୭୫୮.୨ | ୨୧୫୫୨.୬ | ୪୭୩୩୯.୧୪ | ୫୪୪୯୫ | ୭୯୫୫୬ | ୧୬୦୦୦୦ (ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି) |
| 4 | ଉନ୍ନତ ପ୍ରଣାଳୀ ବ୍ୟବହାର କରୁଥିବା ଚାଷୀ ସଂଖ୍ୟା | ୮୦୩୦ | ୨୯୦୫୬ | ୫୧୦୪୫ | ୧୦୮୭୩୧ | ୧୧୮୫୬୧ | ୧୭୨୩୬୭ | ୩୦୦୦୦୦ (ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି) |
| 5 | ମାଣ୍ଡିଆ କ୍ରୟ (କ୍ୱିଣ୍ଟାଲ) | ୦ | ୧୭୯୮୬ | ୯୪୭୪୫ | ୨୦୩୮୮୦ | ୩୨୩୦୧୯ | ୬୦୩୩୪୮ | ୮୦୦୦୦୦ (ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି) |